# ଓଡିଶା ସରକାର
## ଉଚ୍ଚଶିକ୍ଷା ବିଭାଗ

***

No.HE-COOD-MISC-0001/2018 918 /HE., Dated 9.1.18

ପ୍ରେରକ,

ଶ୍ରୀ ପ୍ରଶାନ୍ତ କୁମାର ଦାସ, ଭା.ପ୍ର.ସେ.
ଅତିରିକ୍ତ ଶାସନ ସଚିବ

ପ୍ରାପ୍ତେଷୁ,

ସମସ୍ତ କୁଳସଚିବ (ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ)
ଅଧକ୍ଷ, ସମସ୍ତ ସରକାରୀ ମହାବିଦ୍ୟାଳୟ ।

ବିଷୟ- ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡିଆ ଭାଷା ଏବଂ ସାହିତ୍ୟ ସମ୍ପର୍କିତ କାର୍ମଶାଳା ଆୟୋଜନ ସମ୍ପର୍କରେ ।

ମହାଶୟ/ମହାଶୟା,

ମୁଁ ନିର୍ଦ୍ଦେଶକ୍ରମେ ଜଣାଇବାକୁ ଚାହେଁ ଯେ, ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡିଆ ଭାଷା ଓ ସାହିତ୍ୟ ସମ୍ପର୍କିତ କାର୍ମଶାଳା ଆୟୋଜନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ନିଷ୍ପତ୍ତି ନିଆଯାଇଛି ।

ଏହି ପରିପ୍ରେକ୍ଷୀରେ ଚଳିତ ମାସରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏହି ସମ୍ପର୍କିତ କାର୍ମଶାଳା ଆୟୋଜନ କରି ସେଥିରେ ଉପସ୍ଥାପିତ ହୋଇଥିବା ପ୍ରବନ୍ଧଗୁଡିକୁ ପ୍ରକାଶିତ କରିବା ପାଇଁ ଜଣାଇ ଦିଆଗଲା। ଏଠାରେ ଉଲ୍ଲେଖକରାଯାଇପାରେ ଯେ, ପ୍ରତ୍ୟେକ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଓଡିଆଭାଷା ସମ୍ବଳିତ ପ୍ରବନ୍ଧର ବିଷୟବସ୍ତୁ ନିର୍ଣ୍ଣୟ କରିବେ । ଚଳିତ ମାସ ପ୍ରଥମାର୍ଦ୍ଧଠାରୁ ଆସନ୍ତା ଫେବ୍ରୁୟାରୀ ଦ୍ୱିତୀୟ ସପ୍ତାହ ମଧରେ ଏହି କାର୍ମଶାଳା ଆୟୋଜନ କରି ଏହାର ପାକ୍ଷିକ ବିବରଣୀ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ନିର୍ଦ୍ଦିଷ୍ଟଭାବେ ବିଭାଗକୁ ପ୍ରେରଣ କରିବେ ।

ଏହାର ଏକ ସମଷ୍ଟୀଗତ ଅନୁପାଳନ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅବଗତି ନିମିତ୍ତ ପେସ କରାଯିବ।

<u>ଏହା ଅତ୍ୟନ୍ତ ଜରୁରୀ ଅଟେ।</u>

ଆପଣଙ୍କ ବିଶ୍ୱସ୍ତ

ଅତିରିକ୍ତ ଶାସନ ସଚିବ 09/01/2018

ଜ୍ଞାପକ ସଂଖ୍ୟା 919 /ଉ.ଶି, ତାରିଖ 9.1.18

ଏହାର ଏକାକିତା ନକଲ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର/ସମ୍ବଲପୁର/ବ୍ରହ୍ମପୁରଙ୍କ ଅବଗତି ତଥା ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ 09/01/2018

ଜ୍ଞାପକ ସଂଖ୍ୟା 920 /ଉ.ଶି, ତାରିଖ 9.1.18

ଏହାର ଏକାକିତା ନକଲ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମିତ୍ତ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ 09/01/2018